# Akashvani, Sambalpur

## SAMBALPURI NEWS BULLETIN

### 9 September 2024- 6.47- 6.52 am.

**********************************************

ସୁଭଦ୍ରା ଯୋଜ୍ନା- ମୁଖ୍ୟ ସଚିବ    ଆର୍ଏନ୍ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍ନାର୍ ଦର୍ଖାସ୍ତ ପ୍ରକ୍ରିୟାକେ ଅଏତ୍କା ସରଲ୍ ଆର୍ ସହଜ୍ କର୍ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ଭୁବନେଶ୍ୱର୍ର ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଂଟର୍ନୁ ଗଲାକାଏଲ୍ ଆଭାସୀ ଜରିଏ ଜିଲ୍ଲାପାଲ୍ମାନ୍କର୍ ସହେତେ ଇ ବାବ୍ଦେ  ଶ୍ରୀ ଆହୁଜା ଆଲୋଚନା କରିଛନ୍ । ଆବେଦନ୍କାରୀମାନ୍କର୍ ପାଖେ ଫର୍ମ ପୁହୁଁଚାବାର୍ ଆଉ ଆବେଦନ୍ଥି ସହଯୋଗ୍ ଲାଗି ଅଙ୍ଗନବାଡ଼ି କର୍ମୀମାନ୍କର କାମ୍ ପ୍ରଶଂସନୀୟ ଆଏ ବଲି ଶ୍ରୀ ଆହୁଜା କହିଛନ୍ । ଆବେଦନ୍କାରୀ ଯେନ୍ତା ଠିକ୍ ଭାବେ ବ୍ୟବସ୍ଥା ଭିତ୍ରେ ଜଲ୍ଦି ଆବେଦନ୍ କରିପାର୍ବେ ସେଥିର୍ଲାଗି ଧ୍ୟାନ୍ ଦିଆଯାଇକରି ସବୁ ବୈଷୟିକ ଦିଗ୍ ଉପ୍ରେ ପଦକ୍ଷେପ୍ ନେବାର୍କେ ସେ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ବନ୍ଦ୍     ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଛୁଟି ଲାଗି ଆଏଜ୍ ବନ୍ଦ୍ ରହେବା । ସେନ୍ତା ଆଏବା ୧୬ ତାରିଖ୍ ଦିନ ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପଡୁଥିବାର୍‌ନୁ ସେ ଦିନ ଭିଲ୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମହାନଦୀ ରିଭର୍‌ଫ୍ରଂଟ୍          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଦୀ ନ ରିଭର୍‌ଫ୍ରଂଟ୍ ଡେଭଲପ୍‌ମେଂଟ୍ ପ୍ରକଳ୍ପ ତିଆର୍ କରାଯିବା । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ ଗଲାକାଏଲ୍ ଉପର୍‌ବେଲା ମହାନଦୀ ଖଁଡ଼ିର୍ ଭିନ୍ ଭିନ୍ ଜାଗା ବୁଲି ଦେଖ୍‌ବାର୍ ସହେତେ ଆଲୋଚନା କରିଥିଲେ । ଇ ଯୋଜ୍‌ନା କାର୍ଯ୍ୟକାରୀ ହେଲେ ସମ୍ବଲ୍‌ପୁର୍‌ର ସାମାଜିକ, ସାଂସ୍କୃତିକ୍ ଆଉ ଅର୍ଥନୈତିକ୍ ବିକାଶ୍‌ର କେନ୍ଦ୍ରବିନ୍ଦୁ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ମହାନଦୀ ରିଭର୍‌ଫ୍ରଂଟ୍ ଡେଭଲପ୍‌ମେଂଟ୍ ପ୍ରକଳ୍ପ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ବଜେଟ୍‌ଥି ୩୦ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ।

ଆଂଚଲିକ୍ କୃଷି ମେଳା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉନ୍ନତ୍ କୃଷି ଯନ୍ତ୍ରପାତି ବେଭାର୍ ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ବର୍ଷର୍ ବଲାଙ୍ଗିର୍, ଜୟପୁର୍, କେନ୍ଦୁଝର୍ ଆଉ ବ୍ରହ୍ମପୁର୍ ଠାନେ ୪ ଟା ଆଂଚଲିକ୍ କୃଷକ୍ ମେଳା ଆୟୋଜନ୍ କରାଯିବା । ଇତାର୍‌ବାହାରେ ୨୬ ଟା ଜିଲ୍ଲାସ୍ତରୀୟ ଆଉ ୨୮ ଟା ସବ୍‌ଡିଭିଜନ୍‌ସ୍ତରୀୟ କୃଷିମେଳା ଆୟୋଜନ୍ କରାଯିବା ବଲି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଠିକ୍‌ନା କରାଯାଇଛେ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ୮୪ ହଜାର୍ ୪ ଶହ ୭ ଟା କୃଷି ଯନ୍ତ୍ରପାତି ଯୁଗାବାର୍ ଲାଗି ୩ ଶହ ୯୦ କୋଟି ଟଙ୍କାର୍ ସାହାଜ୍ ଲକ୍ଷ୍ୟ ରଖାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂଦେଓ ସୂଚ୍‌ନା ଦେଇଛନ୍ । ରାଜ୍ୟର୍ ସବୁ ଜିଲ୍ଲା ନ କ୍ଷୁଦ୍ରଶସ୍ୟ ଚାଷକେ ତହଁକାବାର୍ ଲାଗି ଶ୍ରୀଅନ୍ନ ଯୋଜ୍‌ନାଥି ୬ ଶହ ୪୮ କୋଟି ୬୧ ଲାଖ୍ ଟଙ୍କା ବ୍ୟୟବରାଦ୍ ରଖାଯାଇଥିବାର୍ ଜନାପଡ଼ିଛେ ।

ବ୍ରହ୍ମପୁର୍- ଟାଟାନଗର୍-ବନ୍ଦେ ଭାରତ୍    ଆର୍ଏନ୍ୟୁ/ ସମ୍ବଲପୁର

ବ୍ରହ୍ମପୁର୍- ଟାଟାନଗର୍ ଭିତ୍ରେ ବନ୍ଦେ ଭାରତ୍ ଟ୍ରେନ୍ ର ଗଲାକାଏଲ୍ ଟ୍ରାଏଲ୍ରନ୍ କରାଯାଇଛେ । ଟାଟାନଗର୍-ବ୍ରହ୍ମପୁର୍ ଭିତ୍ରେ ଆଏବା ୧୫ ତାରିଖ୍ନୁ ବନ୍ଦେ ଭାରତ୍ ଟ୍ରେନ୍ ଚଲାଚଲ୍ ମୁଲ୍ ହେବା । ଇ ଟ୍ରାଏଲ୍ ରନ୍ ସମିଆଥି ବନ୍ଦେ ଭାରତ୍ ଟ୍ରେନ୍ ଟାଟା ନଗର୍ ଆଡୁ ଆଏଲା ବେଲେ ରାଜ୍ଖର୍ସୁଆଁ, ଚାଇବାସା, ବାଂଶପାଣି, କେନ୍ଦୁଝର୍, ସୁକିନ୍ଦାରୋଡ୍, ଯଖପୁରା, କଟକ୍, ଭୁବ୍ନେଶ୍ୱର୍, ବାଲୁଗାଁ ଆର୍ ଛତ୍ରପୁର୍ ନ ଅଟ୍କିଥିଲା ।

ଡେଙ୍ଗୁ           ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଡେଙ୍ଗୁ ଥିତିଥି ସୁଧାର୍ ଆସିଛେ । ଇହାଦେତକ୍ ରାଏଜେ ୪ ହଜାର୍ ୬ ଶହ ୬୮ ଝନ୍ ଡେଙ୍ଗୁଥି ଆକ୍ରାନ୍ତ ହେଇଥିବାର୍ ବେଲେ ଇମାନ୍କର୍ ଭିତ୍ରେ ସୁନ୍ଦର୍ଗଡ୍ ଜିଲ୍ଲାର ୧୪ ଶହ ୪୮ ଝନ୍ ଚିହ୍ନଟ୍ ହେଇଛନ୍ । ହେଲେ ଗଲା ଶନିବାର୍ ଦିନ ୮ ଶହ ୬ ଝନ୍କର୍ ନମୁନା ପରୀକ୍ଷା କରାଯାଇଥିଲା । ସେମାନ୍କର୍ ଭିତ୍ରୁ ୬୨ ଝନ୍ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ଡେଙ୍ଗୁ ଚାପିଥିବାର୍ ଇଲାକା ନ ଦର୍କାରୀ ପଦକ୍ଷେପ୍ ନିଆଯାଇକରି ଘରଘର୍ ବୁଲିକରି ଯାଂଚ୍ କରାଯାଉଛେ ।

ଯୁକ୍ତ ଦୁଇ-ମାଗଣା କୋଚିଂ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ 'ଏକାଡେମିକ୍ ସପୋର୍ଟ ପ୍ରୋଗ୍ରାମ୍' ଜରିଏ ଯୁକ୍ତ ଦୁଇ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କୁ ଭିନ୍ ଭିନ୍ ପ୍ରତିଯୋଗିତାମୂଳକ୍ ପରୀକ୍ଷା ଲାଗି ଅନ୍‌ଲାଇନ୍ ଜରିଏ ଶିକ୍ଷାଦାନ୍ କରାଯିବା । ନିଟ୍ ଆଉ ଜେଇଇ ମେନ୍ କୋଚିଂ ବାଗିର୍ ଇ କାର୍ଯ୍ୟକ୍ରମ୍‌ଥି କଳା, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ଶିକ୍ଷା ସହେତେ ବିଜ୍ଞାନ୍ ଛାତ୍ରଛାତ୍ରୀମାନେ ସୁଯୋଗ୍ ପାଏବେ । ରାଜ୍ୟର୍ ସବୁ ସର୍‌କାରୀ ଆଉ ବେସର୍‌କାରୀ ଅନୁଦାନ୍ ପ୍ରାପ୍ତ କଲେଜ୍‌ମାନ୍‌କୁ ଇଥି ସାମିଲ୍ କରାଯିବା । ସ୍ମାର୍ଟ କ୍ଲାସ୍‌ରୁମ୍ ତିଆର୍ କର୍‌ବାର୍‌କେ ଯୁକ୍ତ ଦୁଇ ସ୍କୁଲ୍‌ମାନ୍‌କୁ ନିର୍ଦ୍ଦେଶାଳୟ ତର୍‌ଫୁ ଚିଠି ଲେଖାଯାଇଥିବାର୍ ଜନାପଡ଼ିଛେ ।

ଷଠି ପୂଜା     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍  ସୋମ୍‌ନାଥ ବ୍ରତ ଆଉ ଷଠି ଉଷା । ଛୁଆମାନ୍‌କର୍ ଦୀର୍ଘାୟୁ କାମନା କରିକରି ମା ମାନେ ଷଠି ଉଷାଥି ଷଠି ଦେବୀଙ୍କୁ ପୂଜା କର୍‌ସନ୍ । ଭୁଦୋ ମାସର୍ ଉଜଲ୍‌ପଖର୍ ଷଷ୍ଠୀ ତିଥି ନ କରାଯାଉଥିବାର୍ ଇ ପୂଜାଥି ଶିଳ - ଶିଲ୍‌ପୁଆଥି ହଲ୍‌ଦି ଲାଗି

କରାୟାଇକରି ଦେବୀଙ୍କୁ ଆବାହନ୍ କରାୟାଏସି । ଇଥି ୬ ପ୍ରକାର୍ ନୈବେଦ୍ୟ ସହେତେ ୬ ପ୍ରକାର୍‌ର ଫଲ୍ ଫୁଲ୍ ଭିଲ୍ ପୂଜା କରାୟାଏସି । ଷଠି ଉଷାର୍ ଲାଗି ମହଲାମାନେ ଗଲାକାଏଲ୍‌ନୁ ତୟାରି ପୁରା କରିଛନ୍ ।

ନୂଆଖାଇ ଭେଟ୍‌ଘାଟ୍-ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଖଜୁର୍‌ଟିକ୍ରା ବଳରାମ୍‌ଦେବ୍ କ୍ଲବ୍ ତର୍‌ଫୁ ନୂଆଖାଇ ଉଲ୍‌ଗୁନେ ଗଲାକାଏଲ୍ ୫୦ ନମ୍ବର୍ ଭେଟ୍‌ଘାଟ୍ କାର୍ୟ୍ୟକ୍ରମ୍ କରାୟାଇଥିଲା । ଇଥି ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ, ଚଲଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କର୍ ସହେତେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇକରି ନୂଆଖାଇ ଏକତା ଆଉ ଭାଇଚାରାର୍ ପରବ୍ ବଲି କହିଥିଲେ । ଇନ ହେଇଥିବାର୍ ସାଂସ୍କୃତିକ୍ କାର୍ୟ୍ୟକ୍ରମଥି ଜିଲ୍ଲାର୍ ଭିନ୍ ଭିନ୍ କଲାକାର୍ ମାନେ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ପର୍ଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ବନିଥିବାର୍ ଅବପାତ୍‌ର ବଲେ ଆଏବା ୨ ଦିନ୍ ତକ୍

ରାଏଜେ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ଇ ଅବପାତ୍ ପୁରୀ ଆଉ ପର୍ଶ୍ଚିମବଙ୍ଗ୍ର ଦୀଘା ଭିତ୍ରେ ଉପକୂଲ ଅତିକ୍ରମ କର୍ବା । ଜବର୍ ବର୍ଷାର୍ ଅନୁମାନ୍ ଥିବାର୍ନୁ ଓଡ଼ିଶାର୍ ସମୁଦ୍ରକୁଲିଆ ଆଉ ଭିତ୍ରିଆ ଜିଲ୍ଲାମାନ୍କେ ସତର୍କ କରାଯାଇଛେ । ଇତାକେ ନେଇକରି ମୁଖ୍ୟ ଶାସନ୍ ସଚିବ ମନୋଜ୍ କୁମାର୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଲୋକ୍ସେବା ଭବନ୍ ନ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।